# ଖେଳାଳି ରହୁଥିବା ହୋଟେଲରେ ପାର୍ଟି ଆୟୋଜନ ଉପରେ କଟକଣା

**ଭୁବନେଶ୍ୱର,ତା୨।୭।(ପିଏନଏସ):** ଏସିଆନ ଆଥଲେଟିକ୍ସ ଚାମ୍ପିୟନସିପ ଲାଗି ଓଡ଼ିଶାଗସ୍ତରେ ଥିବା ଖେଳାଳି ରହୁଥିବା ହୋଟେଲରେ ପାର୍ଟି କିମ୍ବା କାର୍ଯ୍ୟକ୍ରମ ଆୟୋଜନ ଉପରେ କଟକଣା କରାଯାଇଛି। ପାର୍ଟି ଯୋଗୁଁ ଖେଳାଳିଙ୍କ ଉପରେ ଯେପରି କୌଣସି ପ୍ରଭାବ ନପଡେ, ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ହୋଟେଲ ଉପରେ ପୋଲିସ ସ୍ୱତନ୍ତ୍ର ନଜର ରଖାଯାଇଛି। 'ହୋଟେଲ ଜିଞ୍ଜର'ରେ ଅବ୍ୟବସ୍ଥା ନେଇ ଆପତ୍ତି ଉଠିବା ପରେ କମିଶନରେଟ ପୋଲିସ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

ରବିବାର ଠାରୁ ଖେଳାଳି ରହୁଥିବା ହୋଟେଲର ସୁରକ୍ଷାକୁ ବଢାଇ ଦିଆଯାଇଛି। ବିଶେଷ କରି ହୋଟେଲରେ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ପୋଲିସ ତଥ୍ୟ ସଂଗ୍ରହ କରିଛି। ନୂଆ କାର୍ଯ୍ୟକ୍ରମ ଆୟୋଜନକୁ ବନ୍ଦ କରିବାକୁ ପୋଲିସ ହୋଟେଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛି।



ସେହିପରି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଓ ପାର୍ଟି ଆୟୋଜନକୁ ଯଥା ସମ୍ଭବ ବାତିଲ କରିବାକୁ ମଧ କୁହାଯାଇଛି। ଯଦି ପାର୍ଟି କିମ୍ବା କାର୍ଯ୍ୟକ୍ରମ ଆୟୋଜନ କରାଯାଏ, ତେବେ ତାହା ଯେମିତି ଖେଳାଳିଙ୍କ କୌଣସି ପ୍ରଭାବ ନପକାଏ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଛି। ଯଦି କୌଣସି ହୋଟେଲ କର୍ତ୍ତୃପକ୍ଷ ଏଥିରେ ଖିଲାପ କରନ୍ତି, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ କେଉଁଠି ଓ କେମିତି କରାଯିବ, ସେ ନେଇ ହୋଟେଲ କର୍ତ୍ତୃପକ୍ଷ ପୋଲିସକୁ ଅବଗତ କରିବାକୁ କୁହାଯାଇଛି।

## ଜିଞ୍ଜରକୁ ଜରିମାନା

ଏଥିସହିତ ପୋଲିସ ହୋଟେଲକୁ କିଏ ଓ କେଉଁ ଉଦ୍ଦେଶ୍ୟରେ ଆସୁଛି, ତାହାର ତଥ୍ୟ ସଂଗ୍ରହ କରୁଛି। ବିଶେଷ କରି ଉକ୍ତ ହୋଟେଲରେ ପାର୍ଟି ଓ କାର୍ଯ୍ୟକ୍ରମ ଆୟୋଜନ ଯେପରି ନହୁଏ ଓ ଖେଳାଳିଙ୍କ ଉପରେ ଏହାର ପ୍ରଭାବ ନପଡେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

ଉଲ୍ଲେଖଥାଉ, ଖେଳାଳି ରହୁଥିବା ହୋଟେଲରେ ଅବ୍ୟବସ୍ଥାକୁ ନେଇ ଆୟୋଜକ ଆସୋସିଏସନ ଆପତ୍ତି

▶▶ ପୃଷ୍ଠା-କ

## ଖେଳାଳି.....

ଉଠାଇବା ପରେ ରାଜଧାନୀର ଏକ ପ୍ରମୁଖ ହୋଟେଲ ଜିଞ୍ଜରକୁ ତାଗିଦ କରାଯିବା ସହ ୩କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ସେଠାରେ ଖେଳାଳିମାନେ ରହୁଥିବା ବେଳେ ନିୟମ ଉଲଂଘନ କରି ହୋଟେଲ କର୍ତ୍ତୃପକ୍ଷ ଏକ ଘରୋଇ ସଂସ୍ଥାକୁ ପାର୍ଟି ଆୟୋଜନ କରିବାକୁ ଅନୁମତି ଦେଇଥିଲେ। ଫଳରେ ସେମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ ଶବ୍ଦ ପ୍ରଦୂଷଣ ସହ ଖେଳାଳିଙ୍କ ଶାନ୍ତି ଭଙ୍ଗ କରିଥିଲେ। ବିଦେଶୀ ଖେଳାଳିମାନେ ଏଥିରେ ବ୍ୟତିବ୍ୟସ୍ତ ହୋଇ ଆସୋସିଏସନର ଦୃଷ୍ଟି ଆକର୍ଷଣ କରିଥିଲେ। ଆୟୋଜକ ଆସୋସିଏନର ଏକ ଟିମ ଘଟଣାର ଅନୁଧ୍ୟାନ କରି ସଂପୃକ୍ତ ହୋଟେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିଶ କରିଥିଲା। ଆସୋସିଏସନ ଆଇନ ଅନୁଯାୟୀ ସଂପୃକ୍ତ ହେଟେଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରିବା ସହ ୩କୋଟି ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।